ଭାରତର ଏନଏସଏଙ୍କ ଭିଏତନାମ ଗସ୍ତ (ନଭେମ୍ବର 01 - 02, 2026)

ଭାରତର ଜାତୀୟ ସୁରକ୍ଷା ପରାମର୍ଶଦାତା ଶ୍ରୀ ଅଜିତ ଡୋଭାଲ 1-2 ନଭେମ୍ବର 2026 ରେ ଭିଏତନାମର ହାନୋଇକୁ ଔପଚାରିକ ଗସ୍ତ କରିଥିଲେ।

2. ଏହି ଗସ୍ତ ସମୟରେ, ଏନଏସଏ କମ୍ୟୁନିଷ୍ଟ ପାର୍ଟି ଅଫ୍ ଭିଏତନାମ (ସିପିଭି) ର ସେଣ୍ଟ୍ରାଲ କମିଟିର ପୋଲିଟବ୍ୟୁରୋ ସଦସ୍ୟ ଏବଂ ଭିଏତନାମର ସାର୍ବଜନିକ ସୁରକ୍ଷା ମନ୍ତ୍ରୀ ଜେନେରାଲ୍ ଲୁଓଙ୍ଗ୍ ତାମ୍ କ୍ୱାଙ୍ଗ୍ଙ୍କ ସହିତ ସାକ୍ଷାତ କରିଥିଲେ। ଉଭୟ ପକ୍ଷ ଆଇନ ପ୍ରଣୟନ, ସାଇବର, ସାମୁଦ୍ରିକ ଏବଂ ଅର୍ଥନୈତିକ ସୁରକ୍ଷା ସମେତ ଚାଲୁ ରହିଥିବା ସିକୁରିଟି ଏବଂ ଇଣ୍ଟେଲିଜେନ୍ସ କର୍ପୋରେସନ ଉପରେ ଆଲୋଚନା କରିଥିଲେ। ସେମାନେ ଏହି କ୍ଷେତ୍ରଗୁଡ଼ିକରେ ଦକ୍ଷତା ବିକାଶକୁ ସୁଦୃଢ଼ କରିବାକୁ ସହମତ ହୋଇଥିଲେ।

3. ଭାରତର ଏନଏସଏ ସିପିଭି ର ସେଣ୍ଟ୍ରାଲ କମିଟିର ଜେନେରାଲ ସେକ୍ରେଟାରୀ ତଥା ଭିଏତନାମର ରାଷ୍ଟ୍ରପତି ମହାମହିମ ଶ୍ରୀ ତୋ ଲାମ୍ଙ୍କ ସହିତ ସାକ୍ଷାତ କରିଥିଲେ ଏବଂ ଜେନେରାଲ ସେକ୍ରେଟାରୀଙ୍କୁ ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଥିଲେ।

4. ଏନଏସଏ ସିପିଭି ର ସେଣ୍ଟ୍ରାଲ କମିଟିର ପୋଲିଟବ୍ୟୁରୋ ସଦସ୍ୟ, ଉପ-ପ୍ରଧାନମନ୍ତ୍ରୀ ତଥା ଜାତୀୟ ପ୍ରତିରକ୍ଷା ମନ୍ତ୍ରୀ ଜେନେରାଲ୍ ଫାନ୍ ଭ୍ୟାନ୍ ଜିଆଙ୍ଗ୍ ଏବଂ ସିପିଭି ର ସେଣ୍ଟ୍ରାଲ କମିଟିର ପୋଲିଟବ୍ୟୁରୋ ସଦସ୍ୟ ତଥା ବିଦେଶ ମନ୍ତ୍ରୀ ଶ୍ରୀ ଲି ହୋଆଇ ତ୍ରୁଙ୍ଗ୍ଙ୍କ ସହିତ ମଧ୍ୟ ସାକ୍ଷାତ କରିଥିଲେ।

5. ଏନଏସଏ ହାନୋଇ ସ୍ଥିତ ଐତିହାସିକ କ୍ୱାନ୍ ସୁ ପାଗୋଡା ପରିଦର୍ଶନ କରିଥିଲେ, ଯାହାକି ନେଶନାଲ୍ ଭିଏତନାମ ବୁଦ୍ଧିଷ୍ଟ ସଂଘ (ଭିବିଏସ) ର ପ୍ରଧାନ କାର୍ଯ୍ୟାଳୟ ଅଟେ।

6. ଭାରତ ଏବଂ ଭିଏତନାମ 2027 ରେ ଦ୍ୱିପାକ୍ଷିକ କୂଟନୈତିକ ସମ୍ପର୍କ ସ୍ଥାପନର 55ତମ ବର୍ଷପୂର୍ତ୍ତି ପାଳନ କରିବେ। ଏହି ଗସ୍ତ ଭାରତ-ଭିଏତନାମ ଉନ୍ନତ ବ୍ୟାପକ ରଣନୈତିକ ସହଭାଗିତା ଅଧୀନରେ ଦ୍ୱିପାକ୍ଷିକ ସହଯୋଗର ଅଗ୍ରଗତିର ସମୀକ୍ଷା କରିବା ପାଇଁ ଏକ ସୁଯୋଗ ପ୍ରଦାନ କରିଥିଲା।

ହାନୋଇ, ଭିଏତନାମ

ନଭେମ୍ବର 02, 2026